सत्यमेव जयते

## ଭାରତ ସରକାର

# ବିତ୍ତ ମନ୍ତ୍ରଣାଳୟ

# ରାଜସ୍ୱ ବିଭାଗ

## ଦ୍ରବ୍ୟ ଓ ସେବା ଟିକସ

## ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର

# ସୂଚୀପତ୍ର

## ପ୍ରଥମ ଭାଗ - ଦ୍ରବ୍ୟ ଓ ସେବା ଟିକସ – ଏକ ବିହଙ୍ଗାବଲୋକନ


୧.	ଉପକ୍ରମଣିକା

୨.	ଦ୍ରବ୍ୟ ଓ ସେବା ଟିକସ ପଞ୍ଜୀକରଣ

୩.	ମିଶ୍ର ଦେୟ (ଲଗାଣ) ଯୋଜାନା

୪.	ନିବେଶ ଟିକସ ଜମାରାଶି

୫.	ଦ୍ରବ୍ୟ ଓ ସେବା ଟିକସରେ ଟିକସଯୁକ୍ତ ବିଲ

୬.	ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବାଧ୍ୟତାମୂଳକ ହିସାବ ସମୀକ୍ଷାରୁ ଛାଡ

୭.	ଦ୍ରବ୍ୟ ଓ ସେବା ଟିକସରେ ରିଟର୍ନ

୮.	ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକ ପାଇଁ ଦ୍ରବ୍ୟ ଓ ସେବା ଟିକସରେ ନିଆଯାଇଥିବା ପଦକ୍ଷେପ

## ଦ୍ୱିତୀୟ ଭାଗ :

## ଦ୍ରବ୍ୟ ଓ ସେବା ଟିକସ ଉପଦେଷ୍ଟା ପରିଷଦର ପ୍ରମୁଖ ନିଷ୍ପତ୍ତିଗୁଡ଼ିକ


୧.	ଉପକ୍ରମଣିକା

୨.	ମିଶ୍ର ଯୋଜନା

୩.	ରିଟର୍ନ ଦାଖଲ

୪.	ନିବେଶ ଟିକସ ଜମାରାଶିର ପରିସର

୫.	ରପ୍ତାନି

୬.	ଟିକସ ପଇଠ

୭.	ବିବିଧ ପରିବର୍ତ୍ତନ

୮.	ହସ୍ତଶିଳ୍ପ ଉପରେ ଦ୍ରବ୍ୟ ଓ ସେବା ଟିକସ

୯.	ତନ୍ତୁଜାତ (ବୟନ) ଦ୍ରବ୍ୟ ଉପରେ ଦ୍ରବ୍ୟ ଓ ସେବା ଟିକସ

୧୦.	ଦ୍ରବ୍ୟ – ଟିକସ ହାରରେ ହ୍ରାସ

୧୧.	ସେବା – ଟିକସ ହାରରେ ହ୍ରାସ


## ତୃତୀୟ ଭାଗ

## ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ଉଦ୍ଦିଷ୍ଟ ଦ୍ରବ୍ୟ ଓ ସେବା ଟିକସ ସମ୍ବନ୍ଧରେ ବାରମ୍ବାର ଉଙ୍କି ମାରୁଥିବା ପ୍ରଶ୍ନ ଓ ତା'ର ଉତ୍ତର

# ପ୍ରଥମ ଭାଗ

## ଦ୍ରବ୍ୟ ଓ ସେବା ଟିକସ

### – ଏକ ବିହଙ୍ଗାବଲୋକନ -

# ଅଧ୍ୟାୟ – ୧

## *ଉପକ୍ରମଣିକା*

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିକାଶ ଅଧିନିୟମ, ୨୦୦୬ର ନିୟମାନୁଯାୟୀ ବ୍ୟବସାୟର ବାର୍ଷିକ ଆୟ (ବିକ୍ରି) ଅନୁସାରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକର ସଂଜ୍ଞା ନିରୂପଣ କରାଯାଇଥାଏ । କେନ୍ଦ୍ର କ୍ୟାବିନେଟର ଅନୁମୋଦନ ହିସାବରେ, ଅଣୁ ଉଦ୍ୟୋଗ ହେଉଛି ସେହି ଉଦ୍ୟୋଗ ଯାହାର ବାର୍ଷିକ ବିକ୍ରି ପାଞ୍ଚ କୋଟି ଟଙ୍କାରୁ ଅଧିକ ନୁହେଁ, କ୍ଷୁଦ୍ର ଉଦ୍ୟୋଗ ହେଉଛି ସେହି ଉଦ୍ୟୋଗ ଯାହାର ବାର୍ଷିକ ବିକ୍ରି ପାଞ୍ଚ କୋଟିରୁ ଅଧିକ କିନ୍ତୁ ୭୫ କୋଟିରୁ କମ ଏବଂ ମଧ୍ୟମ ଉଦ୍ୟୋଗ ହେଉଛି ସେହି ଉଦ୍ୟୋଗ ଯାହାର ବାର୍ଷିକ ବିକ୍ରି ୭୫ କୋଟି ଟଙ୍କାରୁ ଅଧିକ କିନ୍ତୁ ୨୫୦ କୋଟି ଟଙ୍କାରୁ କମ ।

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ଜାତୀୟ ଅର୍ଥବ୍ୟବସ୍ଥାରେ ମହତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଏ ଏବଂ ଉଦ୍ୟମିତା ଓ କୌଶଳ ବିକାଶର ଏନ୍ଜିନ ଶାଳ ହେବା ବ୍ୟତୀତ ଏହା ସବୁଠୁ ବେଶୀ ରୋଜଗାର ପ୍ରଦାନ କରିଥାଏ । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକର ସଂଖ୍ୟା ୩ କୋଟିରୁ ଅଧିକ ଯାହା ପ୍ରାୟ ୧୦ କୋଟି ଲୋକଙ୍କୁ କର୍ମନିଯୁକ୍ତି ଦେଇଥାନ୍ତି ।

ବୃଦ୍ଧି ପାଇଁ ସାମର୍ଥ୍ୟ ଏବଂ ଅନ୍ତର୍ନିହିତ କ୍ଷମତା ଥାଇ ସୁଦ୍ଧା ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକ ଅନେକ ସମସ୍ୟା, ଯେମିତିକି, ଆଂଶିକ ସ୍କେଲରେ ସଂଚାଳନ, ବୈଷୟିକ ପୁରାତନତା, ଯୋଗାଣ ଶୃଙ୍ଖଳା ଅକ୍ଷମତା, ବର୍ଦ୍ଧିତ ଘରୋଇ ଓ ଆନ୍ତର୍ଜାତୀୟ ପ୍ରତିସ୍ପର୍ଦ୍ଧା, ପୁଞ୍ଜିର ଅଭାବ, ବିନିର୍ମାଣ କୌଶଳରେ ପରିବର୍ତ୍ତନ ଏବଂ ଅଶାନ୍ତ ଓ ଅନିଶ୍ଚିତ ବଜାର ପରିସ୍ଥିତିର ସାମନା କରି ଆସୁଛନ୍ତି ।

ଏଭଳି ପରିଦୃଶ୍ୟରେ ତିଷ୍ଠି ରହିବା ତଥା ବଡ ଓ ବିଶ୍ୱସ୍ତରୀୟ ଉଦ୍ୟୋଗ ସହିତ ପ୍ରତିଯୋଗିତା କରିବା ପାଇଁ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକ ଆବଶ୍ୟକ ସମର୍ଥନ ଓ ସହାୟତା ଦରକାର କରୁଛନ୍ତି ଯାହାଦ୍ୱାରା ସାଂପ୍ରତିକ ପ୍ରତିସ୍ପର୍ଦ୍ଧାମୂଳକ ବଜାର କ୍ଷେତ୍ରରେ ଏଭଳି ଉଦ୍ୟୋଗଗୁଡିକର ନିରନ୍ତର ଅଭିବୃଦ୍ଧି ଓ

ବିକାଶ ସୁନିଶ୍ଚିତ କରାଯାଇପାରିବ । ଦ୍ରବ୍ୟ ଓ ସେବା ଟିକସ କ୍ଷେତ୍ରରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପାଇଁ ସମୟ, ଖର୍ଚ୍ଚ ତଥା ଶକ୍ତିର ଅନୁପାଳନ ବଡ ଉଦ୍ୟୋଗ ତୁଳନାରେ ଅଧିକ ଆବଶ୍ୟକ । ଏହା ବଡ ବଡ କମ୍ପାନୀ ତୁଳନାରେ ସେମାନଙ୍କୁ ବେଶୀ ପ୍ରଭାବିତ କରେ । ତେଣୁ ଅନୁପାଳନ ଆହ୍ୱାନରେ ଅଚାନକ ବୃଦ୍ଧି/ପରିବର୍ତ୍ତନକୁ ମୁକାବିଲା କରିବାରେ ସେମାନଙ୍କୁ ସକ୍ଷମ କରିବା ପାଇଁ କେତେକ ରିହାତି ଦେବା ଆବଶ୍ୟକ ।

ତଦନୁସାରେ, ଜିଏସଟି ଆସିବା ପରେ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ଅନୁପାଳନ ଛାଡ ପାଇଁ ମିଶ୍ର ଦେୟ ଯୋଜନା, ତ୍ରୈମାସିକ ଜିଏସଟି ରିଟର୍ଣ୍ଣ ଦାଖଲ ଇତ୍ୟାଦି ସର୍ବନିମ୍ନ ସୀମା ସମ୍ପର୍କିତ ରିହାତି ଆକାରରେ ଅନେକ ସୁବିଧା ଦିଆଯାଇଛି । ଏପରି କରିବାବେଳେ ଏହା ମନ ଭିତରେ ରଖାଯାଇଛି ଯେ ସେମାନେ ଯେମିତି ଅପ୍ରତିସ୍ପର୍ଦ୍ଧୀ ନ ହୁଅନ୍ତି ଏବଂ ଯୋଗାଣ ଶୃଙ୍ଖଳାରେ ନିରବଚ୍ଛିନ ନିବେଶ ଟିକସ ଜମାରାଶି ଆଦି ଜିଏସଟିର ସମସ୍ତ ସୁବିଧା ପାଇ ପାରନ୍ତି ।

# ଅଧ୍ୟାୟ - ୨

## ଜିଏସଟି ପଞ୍ଜୀକରଣ

ଜିଏସଟି ଯୋଗାଣ ଉପରେ ଏକ ଟିକସ ହୋଇଥିବାରୁ, ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ପ୍ରତ୍ୟେକ ଯୋଗାଣକାରୀ ଯାହାଙ୍କର ସମୁଦାୟ ବିକ୍ରି କୌଣସି ଆର୍ଥିକ ବର୍ଷରେ ନିର୍ଧାରିତ ସର୍ବନିମ୍ନ ରିହାତି ସୀମା ଠାରୁ ଅଧିକ ହୁଏ, ତେବେ ସେ ଜିଏସଟି ପଞ୍ଜୀକରଣ କରିବେ । ସେବା ଯୋଗାଣକାରୀମାନଙ୍କ ପାଇଁ ଜିଏସଟି ପଞ୍ଜୀକରଣ ଏବଂ ପଇଠରୁ ଛାଡ ପାଇବା ନିମନ୍ତେ ମୋଟ ବିକ୍ରିର ସର୍ବନିମ୍ନ ସୀମା ହେଉଛି ୨୦ ଲକ୍ଷ ଟଙ୍କା (ମଣିପୁର, ମିଜୋରାମ, ନାଗାଲାଣ୍ଡ ଓ ତ୍ରିପୁରା ପାଇଁ ୧୦ ଲକ୍ଷ ଟଙ୍କା) । ତା ୦୧-୪-୨୦୧୯ ରଖ ଠାରୁ ସେବା ଯୋଗାଣକାରୀମାନଙ୍କ ପାଇଁ ଜିଏସଟି ପଞ୍ଜୀକରଣ ଏବଂ ପଇଠରୁ ଛାଡ ପାଇବା ନିମନ୍ତେ ମୋଟ ବିକ୍ରିର ସର୍ବନିମ୍ନ ସୀମା ହେଉଛି ୪୦ ଲକ୍ଷ ଟଙ୍କା (ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ପୁଡୁଚେରୀ, ସିକ୍କିମ, ତେଲେଙ୍ଗାନା, ତ୍ରିପୁରା ଓ ଉତ୍ତରାଖଣ୍ଡ ପାଇଁ ୨୦ ଲକ୍ଷ ଟଙ୍କା) ।

**ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସଂଖ୍ୟା ସହ ୧୦ଟି ଶୀର୍ଷ ରାଜ୍ୟ**

| ରାଜ୍ୟର ନାମ | ମିଶ୍ରିତ ବ୍ୟବସାୟୀଙ୍କ ସଂଖ୍ୟା |
|---|---|
| ଉତ୍ତର ପ୍ରଦେଶ | ୩,୫୪,୬୨୯ |
| ରାଜସ୍ଥାନ | ୧,୫୯,୩୬୮ |
| ମହାରାଷ୍ଟ୍ର | ୧,୫୫,୫୪୮ |
| ଆନ୍ଧ୍ର ପ୍ରଦେଶ | ୧,୧୨,୮୩୯ |
| କର୍ଣ୍ଣାଟକ | ୧,୧୨,୧୬୧ |
| ଗୁଜରାଟ | ୧,୧୧,୧୯୮ |
| ବିହାର | ୯୪,୧୨୮ |
| ତାମିଲନାଡୁ | ୯୨,୦୧୪ |
| ପଶ୍ଚିମ ବଙ୍ଗ | ୭୯,୧୬୫ |
| ମଧ୍ୟ ପ୍ରଦେଶ | ୬୩,୫୦୮ |

## ସ୍ୱେଚ୍ଛାକୃତ ପଞ୍ଜୀକରଣ

ଯେଉଁ ବ୍ୟକ୍ତିଙ୍କର ମୋଟ ବିକ୍ରି ନିର୍ଦ୍ଧାରିତ ସର୍ବନିମ୍ନ ସୀମାଠାରୁ କମ, ସେମାନେ ସ୍ୱଇଚ୍ଛାରେ ନିଜକୁ ପଞ୍ଜୀକୃତ କରିପାରିବେ ।

## ମୋଟ ବିକ୍ରି

ମୋଟ ବିକ୍ରିର ଅର୍ଥ ହେଉଛି ଗୋଟିଏ ସ୍ଥାୟୀ ଖାତା ସଂଖ୍ୟା (ପିଏଏନ) ଥିବା ବ୍ୟକ୍ତିମାନଙ୍କର ସମସ୍ତ କରଯୋଗ୍ୟ ଯୋଗାଣ, ଟିକସରହିତ ଯୋଗାଣ, ଦ୍ରବ୍ୟ କିମ୍ବା ସେବା କିମ୍ବା ଉଭୟର ରପ୍ତାନି, ଆନ୍ତଃ ରାଜ୍ୟ ଯୋଗାଣ, ଜିଏସଟି ଅଧୀନରେ ଲଗା ଯାଇଥିବା ଟିକସକୁ ବାଦ ଦେଇ, ଯାହାକି ପୁରା ସର୍ବ ଭାରତୀୟ ଭିତ୍ତିରେ ହିସାବ ହେବ । କୌଣସି ବ୍ୟକ୍ତି ନିଜର ପ୍ରଧାନ ବ୍ୟବସାୟୀ ତରଫରୁ କରିଥିବା ଯୋଗାଣ ମୋଟ ବିକ୍ରିରେ ଅନ୍ତର୍ଭୁକ୍ତ ହେବ, କିନ୍ତୁ ସେ ଯଦି ଜଣେ ଚୁକ୍ତିଭିତ୍ତିକ କର୍ମଚାରୀ ହୋଇଥିବେ, ତେବେ ସେହି ଚୁକ୍ତିଭିତ୍ତିକ କାମରୁ ଉତ୍ପନ୍ନ ଦ୍ରବ୍ୟ ମୋଟ ବିକ୍ରିରେ ମିଶିବ ନହିଁ ।

## ପଞ୍ଜୀକରଣ ପାଇଁ ଆଇନତଃ ବାଧ ହେଉ ନ ଥିବା ବ୍ୟକ୍ତି

କେତେକ ବର୍ଗର ବ୍ୟକ୍ତିମାନେ ପଞ୍ଜୀକରଣ କରିବା ପାଇଁ ଆଇନତଃ ବାଧ ନୁହନ୍ତି, ଯଥା (୧) ଯେଉଁ ବ୍ୟକ୍ତି କେବଳ ଜିଏସଟି ଆଇନ ଅନୁଯାୟୀ ଟିକସଯୋଗ୍ୟ ହୋଇ ନ ଥିବା ଦ୍ରବ୍ୟ କିମ୍ବା ସେବା ଯୋଗାଣ ବ୍ୟବସାୟ କରୁଥିବେ, (୨) କୃଷକ, ଜମିରୁ କୃଷି ମାଧ୍ୟମରେ ଉତ୍ପାଦନ କରୁଥିବା ଫସଲର ଯୋଗାଣ ପାଇଁ, (୩) ଯେଉଁ ବ୍ୟକ୍ତି କେବଳ ଦ୍ରବ୍ୟ ବା ସେବା ବା ଉଭୟର ଟିକସଯୋଗ୍ୟ ଯୋଗାଣ କରୁଥିବେ ଯାହା ଉପରେ ସମସ୍ତ ଟିକସ ଦ୍ରବ୍ୟ ବା ସେବା ଗ୍ରହିତା ଦ୍ୱାରା ପାଲଟା ଚାର୍ଜ (Reverse Charge) ଭିତ୍ତିରେ ଆଇନତଃ ପଇଠ ହୁଏ ।

## ବାଧ୍ୟତାମୂଳକ ପଞ୍ଜୀକରଣ

ଜିଏସଟି ଆଇନରେ ମୋଟ ବିକ୍ରିର ସର୍ବନିମ୍ନ ସୀମା ଠାରୁ କମ ଥିବା କେତେକ ଯୋଗାଣକାରୀଙ୍କ ପାଇଁ ବାଧ୍ୟତାମୂଳକ ପଞ୍ଜୀକରଣ ପାଇଁ ବ୍ୟବସ୍ଥା ଅଛି । ଏହି ଯୋଗାଣକାରୀମାନଙ୍କ ମଧ୍ୟରେ ଅଛନ୍ତି, (୧) ଯେଉଁ

ବ୍ୟକ୍ତିମାନେ ବସ୍ତୁର ଆନ୍ତଃ ରାଜ୍ୟ ଟିକସଯୋଗ୍ୟ ଯୋଗାଣ କରୁଛନ୍ତି, (୨) ଟିକସଯୋଗ୍ୟ ଯୋଗାଣ କରୁଥିବା ସାମୟିକ ଟିକସଯୋଗ୍ୟ ବ୍ୟକ୍ତି (୩) ଯେଉଁ ବ୍ୟକ୍ତିମାନେ ପାଲଟା ଚାର୍ଜ (Reverse Charge) ଭିତ୍ତିରେ ଟିକସ ଦେବା ଜରୁରୀ, (୪) ଯେଉଁ ବ୍ୟକ୍ତିମାନେ ପ୍ରତିନିଧି ବା ଅନ୍ୟ ହିସାବରେ କୌଣସି ଟିକସଯୋଗ୍ୟ ବ୍ୟକ୍ତିଙ୍କ ତରଫରୁ ଟିକସଯୋଗ୍ୟ ଯୋଗାଣ କରୁଥିବେ । ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକ ଏହି ସବୁ ନିୟମଗୁଡିକୁ ଧ୍ୟାନରେ ରଖିବା ଜରୁରୀ ।

## ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ପଞ୍ଜୀକରଣ ବ୍ୟବସ୍ଥା

ମୋଟ ବିକ୍ରି ଉପରେ ପର୍ଯ୍ୟବେଶିତ ଏକ ବାଣିଜ୍ୟ ସୁଗମିକରଣ ପଦକ୍ଷେପ ହିସାବରେ, ନିମ୍ନଲିଖିତ କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗଗୁଡିକ  ଜିଏସଟି ପଞ୍ଜୀକରଣ କରିବା ଆବଶ୍ୟକ ନୁହେଁ ।

(୧) ବସ୍ତୁର ଆନ୍ତଃ ରାଜ୍ୟ ଟିକସଯୋଗ୍ୟ ଯୋଗାଣ କରୁଥିବା ବ୍ୟକ୍ତିମାନେ, ଯଦି ସେମାନଙ୍କର ଗୋଟିଏ ଆର୍ଥିକ ବର୍ଷରେ ମୋଟ ବିକ୍ରି ସର୍ବନିମ୍ନ ଛାଡ ସୀମା ପାଇଁ ନିର୍ଦ୍ଧାରିତ ରାଶି, ଯଥା ୪୦ ଲକ୍ଷ ଟଙ୍କା (ଉପର ତାଲିକାରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ରାଜ୍ୟମାନଙ୍କ ପାଇଁ ୨୦ ଲକ୍ଷ ଟଙ୍କା) ଠାରୁ ଅଧିକ ନ ହୁଏ ।

(୨) ସେବାର ଆନ୍ତଃ ରାଜ୍ୟ ଟିକସଯୋଗ୍ୟ ଯୋଗାଣ କରୁଥିବା ବ୍ୟକ୍ତିମାନେ, ଯଦି ସେମାନଙ୍କର ଗୋଟିଏ ଆର୍ଥିକ ବର୍ଷରେ ମୋଟ ବିକ୍ରି ସର୍ବନିମ୍ନ ଛାଡ ସୀମା ପାଇଁ ନିର୍ଦ୍ଧାରିତ ରାଶି, ଯଥା ୨୦ ଲକ୍ଷ ଟଙ୍କା (ଉପର ତାଲିକାରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ରାଜ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା) ଠାରୁ ଅଧିକ ନ ହୁଏ ।

(୩) କେବଳ ସେବା (ବସ୍ତୁ ନୁହେଁ)ର ଆନ୍ତଃ ରାଜ୍ୟ ଟିକସଯୋଗ୍ୟ ଯୋଗାଣ କରୁଥିବା ବ୍ୟକ୍ତିମାନେ, ଯଦି ସେମାନଙ୍କର ଗୋଟିଏ ଆର୍ଥିକ ବର୍ଷରେ ମୋଟ ବିକ୍ରି ସର୍ବନିମ୍ନ ଛାଡ ସୀମା ପାଇଁ ନିର୍ଦ୍ଧାରିତ ରାଶି, ଯଥା ୨୦ ଲକ୍ଷ ଟଙ୍କା (ଉପର ତାଲିକାରେ ଦିଆଯାଇଥିବା ନିର୍ଦ୍ଦିଷ୍ଟ ରାଜ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା) ଠାରୁ ଅଧିକ ନ ହୁଏ ।

# ଅଧ୍ୟାୟ- ୩

## ମିଶ୍ର ଦେୟ ଯୋଜନା

ଜିଏସଟିରେ ମିଶ୍ର ଦେୟ ଯୋଜନା ଟିକସ ଲାଗୁ କରିବାର ଏକ ବୈକଳ୍ପିକ ବ୍ୟବସ୍ଥା ଯାହା ସେହି କ୍ଷୁଦ୍ର ଏବଂ ମଧ୍ୟମ ଟିକସଦାତାମାନଙ୍କ ପାଇଁ ପ୍ରଣୟନ କରାଯାଇଛି ଯେଉଁମାନଙ୍କର ମୋଟ ବିକ୍ରି ନିର୍ଦ୍ଧାରିତ ସୀମା ଭିତରେ ରହୁଥିବ । କ୍ଷୁଦ୍ର ଟିକସଦାତାମାନକ ପାଇଁ ଏହା ଏକ ସରଳ ଓ ସହଜ ଅନୁପାଳନ ଯୋଜନା । ଏହା ଏକ ଇଚ୍ଛାଧୀନ ଯୋଜନା । ଯେଉଁ ବ୍ୟକ୍ତି ମିଶ୍ର ଦେୟ ଯୋଜନାରେ ଟିକସ ପଇଠ କରିବା ପାଇଁ ବାଛିବେ, ନା ସେ ନିବେଶ ଉପରେ ଦେଇଥିବା ଟିକସର ଜମାରାଶି ନେଇପାରିବେ ନା ଗ୍ରହିତା ଠାରୁ ଟିକସ ସଂଗ୍ରହ କରିପାରିବେ । ମିଶ୍ର ଲେଭି ଯୋଜନାର ମୁଖ୍ୟ ବୈଶିଷ୍ଟଗୁଡିକ ନିମ୍ନରେ ପ୍ରଦାନ କରାଗଲା ।

(୧) ବସ୍ତୁ ଯୋଗାଣକାରୀ ହିସାବରେ, ଜଣେ ପଞ୍ଜୀକୃତ ଟିକସଦାତା ଯାହାଙ୍କର ମୋଟ ବିକ୍ରି ଦେଢ କୋଟି ଟଙ୍କାରୁ ଅଧିକ ନୁହେଁ (ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ, ତ୍ରିପୁରା ଓ ଉତ୍ତରାଖଣ୍ଡ ପାଇଁ ୭୫ ଲକ୍ଷ ଟାଙ୍କ), ସେ ଏହି ଯୋଜନା ବାଛି ପାରିବେ ।

(୨) କିନ୍ତୁ, ଜଣେ କେବଳ ସେବା ଯୋଗାଣକାରୀ (କିମ୍ବା ଉଭୟ ସେବା ଓ ବସ୍ତୁ ମିଶି କରି), ଯାହାର ବାର୍ଷିକ ବିକ୍ରି ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହୋଇଥିବ, ସେ ଏହି ଯୋଜନା ଚୟନ କରିପାରିବେ ଏବଂ ଏଭଳି ଯୋଗାଣକାରୀ ପାଇଁ ଜିଏସଟିର ହାର ୬ % ହେବ ।

(୩) ଆଇସକ୍ରିମ, ପାନ ମସଲା ଏବଂ ତମାଖୁ ଉତ୍ପାଦନକାରୀ ଜିଏସଟି ମିଶ୍ର ଦେୟ ଯୋଜନା ଚୟନ କରିପାରିବେ ନାହିଁ ।

(୪) ମିଶ୍ର ଦେୟ ଯୋଜନାରେ ପଞ୍ଜୀକୃତ ହୋଇଥିବା ଜଣେ ଟିକସଦାତା ନିର୍ଦ୍ଦିଷ୍ଟ ପ୍ରତିଶତର ରାଶି ସରକାରଙ୍କୁ ଟିକସ ଆକାରରେ ଦେବେ । ଟିକସ ରାଶି ଗ୍ରାହକମାନଙ୍କ ଠାରୁ ଜିଏସଟି ଆକାରରେ ଆଦାୟ ହୋଇ ପାରିବ ନାହିଁ । ମିଶ୍ର ଦେୟ ଯୋଜନା ଅନ୍ତର୍ଗତ ଟିକସ ହାର ନିମ୍ନରେ ପ୍ରଦାନ କରାଗଲା ।

(କ) ଯୋଗ୍ୟ ଉତ୍ପାଦନକାରୀଙ୍କ କ୍ଷେତ୍ରରେ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ, ବିକ୍ରିର ୧ %

(ଖ) ବ୍ୟବସାୟୀଙ୍କ କ୍ଷେତ୍ରରେ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ, ଟିକସଯୋଗ୍ୟ ଯୋଗାଣ (ମୋଟ ବିକ୍ରି) ର ୧ %

(ଗ) ସିଡୁ୍ୟଲ ୨ (Schedule II) ର ଅନୁଚ୍ଛେଦ ୬ (ଖ) ରେ ଦର୍ଶାଯାଇଥିବା ଯୋଗାଣ କ୍ଷେତ୍ରରେ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ, ମୋଟ ବିକ୍ରିର ୫ % (ଯଥା ରେଷ୍ଟୁରାଣ୍ଟ ସେବା, ଚୁକ୍ତି ଭିତ୍ତିକ କାର୍ଯ୍ୟ ସେବା)

(ଘ) କେବଳ ସେବା କିମ୍ବା ଉଭୟ ବସ୍ତୁ ଓ ସେବା ଯୋଗାଣକାରୀଙ୍କ କ୍ଷେତ୍ରରେ ରାଜ୍ୟ କିମ୍ବା କେନ୍ଦ୍ର ଶାସିତ ଅଞ୍ଚଳରେ, ଟିକସଯୋଗ୍ୟ ଯୋଗାଣର ମୋଟ ବିକ୍ରିର ୬ %

(୫) ଟିକସ ତ୍ରୈମାସିକ ଭିତ୍ତିରେ ପଇଠ ହେବ । ଏଭଳି ଟିକସଦାତା ହିସାବକିତାବର ସବିଶେଷ ନଥିପତ୍ର ରଖିବା ଆବଶ୍ୟକ ନୁହେଁ, ଏବଂ ତା ପରିବର୍ତ୍ତେ ଦୁଇଟି ମାସିକ ତଥ୍ୟ ଫର୍ଦ୍ଦ ଏବଂ ଗୋଟିଏ ରିଟର୍ନ ଦାଖଲ କରିବେ (ଯାହା ଜଣେ ସାଧାରଣ ଟିକସଦାତା ଜିଏସଟି ଆଇନ ଅନୁସାରେ ଦାଖଲ କରିଥାନ୍ତି) । ମିଶ୍ର ଟିକସଦାତା ଘୋଷଣା ପତ୍ର ଆଧାରରେ ତ୍ରୈମାସିକ ଟିକସ ପଇଠ କରିବେ । ଅଧୁନା ସେମାନେ ପ୍ରତି ବର୍ଷ କେବଳ ଗୋଟିଏ ରିଟର୍ନ ଦାଖଲ କରିବେ ।

(୬) ଏହି ଯୋଜନା ଚୟନ କରିଥିବା ଜଣେ ଟିକସଦାତା ଜିଏସଟି ଆଇନ ଅନୁସାରେ ଯୋଗାଣ ବିଲ ଜାରି କରିବେ ଯେ ହେତୁ ସେ ଟିକସଯୁକ୍ତ ବିଲ ଜାରି କରିବା ପାଇଁ ଯୋଗ୍ୟ ନୁହନ୍ତି । ସେ ତାଙ୍କ ଦ୍ୱାରା ଜାରି କରାଯାଉଥିବା ପ୍ରତ୍ୟେକ ବିଲ ଉପରେ " ***ମିଶ୍ର ଟିକସଯୋଗ୍ୟ ବ୍ୟକ୍ତି, ଯୋଗାଣ ଉପରେ ଟିକସ ଆଦାୟ କରିବା ପାଇଁ ଯୋଗ୍ୟ ନୁହନ୍ତି"*** ବୋଲି ଉଲ୍ଲେଖ କରିବେ ।

## ମିଶ୍ର ବ୍ୟବସାୟୀମାନଙ୍କର ରାଜ୍ୟ-ୱାରୀ ଉପସ୍ଥିତି (ଶତକଡା ଭାଗରେ)

| ରାଜ୍ୟ | ଶତକଡା ଭାଗ (%) |
|---|---|
| ଉତ୍ତର ପ୍ରଦେଶ | ୨୦.୨ |
| ରାଜସ୍ଥାନ | ୯.୦ |
| ମହାରାଷ୍ଟ୍ର | ୮.୮ |
| କର୍ଣ୍ଣାଟକ | ୬.୩ |
| ଗୁଜରାଟ | ୬.୩ |
| ଆନ୍ଧ୍ର ପ୍ରଦେଶ | ୬.୪ |
| ତାମିଲନାଡୁ | ୫.୨ |
| ବିହାର | ୫.୪ |
| ପଶ୍ଚିମବଙ୍ଗ | ୪.୫ |
| ମଧ୍ୟପ୍ରଦେଶ | ୩.୬ |
| ଅନ୍ୟ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳ | ୨୪.୩ |

# ଅଧ୍ୟାୟ ୪

## ନିବେଶ ଟିକସ ଜମା ରାଶି

ଜିଏସଟି ପ୍ରଚଳିତ ସମୟରେ ଜଣେ ପଞ୍ଜୀକୃତ ବ୍ୟକ୍ତି ଯାହାଙ୍କୁ ନିବେଶ ଟିକସ ସହିତ କୌଣସି ବସ୍ତୁ ବା ସେବା ବା ଉଭୟ ଯୋଗାଣ କରାଯାଇଥିବ, ଯାହା ସେ ତାଙ୍କ ବ୍ୟବସାୟର ଉନ୍ନତି କଳ୍ପେ ବ୍ୟବହାର କରିଥିବେ, ତେବେ ସେ ନିବେଶ ଟିକସ ବାବଦ ଜମା ରାଶୀ ପାଇବା ପାଇଁ ହକଦାର ହୋଇପାରିବେ । ପ୍ରଯୁଜ୍ୟ ଟିକସ ସହ ଦ୍ରବ୍ୟ କିମ୍ବା ସେବାର ଅନ୍ତର୍ଗାମୀ ଯୋଗାଣର ମୂଲ୍ୟ ପଇଠ ଉପରେ ଗ୍ରହିତା ନିବେଶ ଟିକସ ବାବଦ ଜମା ରାଶୀ ପାଇବା ପାଇଁ ହକଦାର ହେବେ । କିନ୍ତୁ, ଜଣେ ମିଶ୍ର ଟିକସ ଦାତା ନିବେଶ ଟିକସ ଜମା ରାଶି ପାଇବା ପାଇଁ ହକଦାର ନୁହନ୍ତି ।

ନୂତନ ପଞ୍ଜୀକରଣ, ମିଶ୍ର ଦେୟରୁ ସାଧାରଣ ଦେୟକୁ ପରିବର୍ତ୍ତନ ଏବଂ ଏହାର ଓଲଟା, ଛାଡ ପାଇଥିବା ଯୋଗାଣ ଟିକସ ଯୋଗ୍ୟ ହେବା ଏବଂ ଏହାର ଓଲଟା ଇତ୍ୟାଦି କେତେକ ସ୍ୱତନ୍ତ୍ର ପରିସ୍ଥିତିରେ ଜମା ରାଶି ପାଇବା ପାଇଁ କେତେକ ସ୍ୱତନ୍ତ୍ର ବ୍ୟବସ୍ଥା ଅଛି । ଯେତେବେଳେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକ ମିଶ୍ର କିମ୍ବା ଛାଡ ବର୍ଗରୁ ପରିବର୍ତ୍ତନ କରନ୍ତି, ଏହା ସେମାନଙ୍କୁ ସାହାଯ୍ୟ କରେ ।

## ଜିଏସଟିଆର -୩ଖ ମାଧ୍ୟମରେ ଦାବି କରାଯାଇଥିବା ମାସୱାରି ମୋଟ ନିବେଶ ଟିକସ ଜମାରାଶି

(କୋଟି ଟଙ୍କାରେ)

| Month | Year | | |
|---|---|---|---|
| | 2017 | 2018 | 2019 |
| January | - | 248491 | 287636 |
| February | - | 236358 | 276890 |
| March | - | 239004 | 291748 |
| April | - | 277453 | 331077 |
| May | - | 245830 | 273733 |
| June | - | 263729 | - |
| July | - | 266444 | - |
| August | 141987 | 256838 | - |
| September | 188945 | 264403 | - |
| October | 212832 | 300815 | - |
| November | 219378 | 284672 | - |
| December | 231983 | 266228 | - |

As on 21-6-2019

# ଅଧ୍ୟାୟ – ୫

## ଜିଏସଟିରେ ଟିକସଯୁକ୍ତ ବିଲ

ଜିଏସଟି ଆଇନରେ ନିର୍ଦ୍ଧାରିତ ସମୟ ଭିତରେ ଆବଶ୍ୟକୀୟ ବିବରଣୀ ସହ ଟିକସଯୁକ୍ତ ବିଲ ଜାରି କରିବା ପାଇଁ ବ୍ୟବସ୍ଥା ଅଛି (ଦ୍ରବ୍ୟ ଯୋଗାଣ କ୍ଷେତ୍ରରେ ଦ୍ରବ୍ୟ ସ୍ଥାନାନ୍ତରଣ ପୂର୍ବରୁ ଏବଂ ସେବା ପ୍ରଦାନ କ୍ଷେତ୍ରରେ ସେବା ପ୍ରଦାନ ତାରିଖ ଠାରୁ ୩୦ ଦିନ ଭିତରେ) । ସେଥିପାଇଁ କୌଣସି ଫାରମ ନିର୍ଦ୍ଧାରଣ କରାଯାଇ ନାହିଁ । ଜିଏସଟି ଆଇନରେ ଟିକସଯୁକ୍ତ ବିଲ, ହସ୍ତାନ୍ତର ଚାଲାଣ, ଯୋଗାଣ ବିଲ, କ୍ରେଡିଟ ନୋଟ, ଡେବିଟ ନୋଟ, ସଂଶୋଧିତ ଟିକସଯୁକ୍ତ ବିଲ, ପ୍ରାପ୍ତିସୂଚକ ପାଉତି, ଦେୟସୂଚକ ପାଉତି ଇତ୍ୟାଦି କାଗଜପତ୍ର ମାନ୍ୟ । ଦ୍ରବ୍ୟ ଯୋଗାଣ କ୍ଷେତ୍ରରେ ଟିକସଯୁକ୍ତ ବିଲ ତିନିକିତା ନକଲରେ ପ୍ରସ୍ତୁତ ହେବ (କ୍ରେତା ପାଇଁ ମୂଳ ପ୍ରତିଲିପି, ପରିବହନକାରୀ ପାଇଁ ଦ୍ୱିତୀୟ ପ୍ରତିଲିପି ଏବଂ ଯୋଗାଣକାରୀ ପାଇଁ ତୃତୀୟ ପ୍ରତିଲିପି), ପକ୍ଷାନ୍ତରେ ସେବା ପ୍ରଦାନ କ୍ଷେତ୍ରରେ ବିଲଟି ଦୁଇକିତା ନକଲରେ ପ୍ରସ୍ତୁତ ହେବ (କ୍ରେତା ପାଇଁ ମୂଳ ପ୍ରତିଲିପି ଏବଂ ଯୋଗାଣକାରୀ ପାଇଁ ଦ୍ୱିତୀୟ ପ୍ରତିଲିପି) ।

### ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ବିଲ ବ୍ୟବସ୍ଥା

ବାର୍ଷିକ ଦେଢ କୋଟି ଟଙ୍କାରୁ କମ ବିକ୍ରି କରୁଥିବା ଟିକସଦାତାଙ୍କ ପାଇଁ ଟିକସଯୁକ୍ତ ବିଲରେ ଏଚଏସଏନ ସଙ୍କେତାବଳୀ ଉଲ୍ଲେଖ କରିବା ବ୍ୟବସ୍ଥା ଉଚ୍ଛେଦ କରାଯାଇଛି । ପୁନଶ୍ଚ, ଯେଉଁ ଟିକସଦାତାଙ୍କର ବାର୍ଷିକ ବିକ୍ରି ଦେଢ କୋଟି ଟଙ୍କାରୁ ପାଞ୍ଚ କୋଟି ଟଙ୍କା ମଧ୍ୟରେ ରହେ, ସେମାନେ ତାଙ୍କ ବିଲରେ ଏଚଏସଏନ କୋଡର ପ୍ରଥମ ଦୁଇ ଅଙ୍କ ଏବଂ ଯେଉଁ ଟିକସଦାତାଙ୍କର ବାର୍ଷିକ ବିକ୍ରି ପାଞ୍ଚ କୋଟି ଟଙ୍କାରୁ ଅଧିକ, ସେମାନେ ତାଙ୍କ ବିଲରେ ଏଚଏସଏନ କୋଡର ପୁରା ଚାରି ଅଙ୍କ ଉଲ୍ଲେଖ କରିବେ ।

# ଅଧ୍ୟାୟ ୬

## ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ଚାଟାର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବାଧ୍ୟତାମୂଳକ ସମୀକ୍ଷଣରୁ ଛାଡ

ଜିଏସଟି ଅମଳରେ ପ୍ରତ୍ୟେକ ପଞ୍ଜୀକୃତ ବ୍ୟକ୍ତି ଯାହାଙ୍କର ଗୋଟିଏ ଆର୍ଥିକ ବର୍ଷର ବିକ୍ରି ନିର୍ଦ୍ଧାରିତ ସୀମା ଠାରୁ ଅଧିକ ହୁଏ, ସେ ତାଙ୍କର ଆୟବ୍ୟୟର ହିସାବ ଜଣେ ସନଦୀ ଲେଖାକାର (ଚାଟାର୍ଡ଼ ଆକାଉଣ୍ଟାଣ୍ଟ) କିମ୍ବା ଲାଗତ ଲେଖାକାର (କଷ୍ଟ ଆକାଉଣ୍ଟାଣ୍ଟ) ଦ୍ୱାରା ସମୀକ୍ଷଣ କରାଇବା ଆବଶ୍ୟକ I ଏକ ବାଣିଜିକ ସୁଗମକରଣ ପଦକ୍ଷେପ ହିସାବରେ ସରକାର ଘୋଷଣା କରିଛନ୍ତି ଯେ ଯେଉଁ ପଞ୍ଜୀକୃତ ବ୍ୟକ୍ତିଙ୍କର ବାର୍ଷିକ ବିକ୍ରି ଦୁଇ କୋଟି ପର୍ଯ୍ୟନ୍ତ ରହିବ, ସେମାନେ ସନଦୀ ଲେଖାକାର (ଚାଟାର୍ଡ଼ ଆକାଉଣ୍ଟାଣ୍ଟ) କିମ୍ବା ଲାଗତ ଲେଖାକାର (କଷ୍ଟ ଆକାଉଣ୍ଟାଣ୍ଟ) ଦ୍ୱାରା ସମୀକ୍ଷଣ କରାଇବାରୁ ଛାଡ ପାଇବେ I

# ଅଧ୍ୟାୟ ୭

## ବସ୍ତୁ ଓ ସେବା ଟିକସରେ ରିଟର୍ନ

କେତେକ ବର୍ଗର ପଞ୍ଜୀକୃତ ବ୍ୟକ୍ତିଙ୍କୁ ବାଦ ଦେଇ, ଜିଏସଟି ଆଇନ ଜଣେ ପଞ୍ଜୀକୃତ ବ୍ୟକ୍ତିଙ୍କ ଦ୍ୱାରା ବହିର୍ଗାମୀ ଯୋଗାଣର ବିବରଣୀ ଦାଖଲ କରିବାର ପଦ୍ଧତି ଓ ସମୟ ଏବଂ ସମ୍ପୃକ୍ତ ଗ୍ରହିତାମାନଙ୍କୁ ସେହିସବୁ ବିବରଣୀର ପ୍ରେରଣର ପଦ୍ଧତି ଓ ସମୟ ନିର୍ଦ୍ଧାରଣ କରିଛି । ଭୁଲଭଟକା ଓ ଛାଡି ଦେଇଥିବା ତଥ୍ୟର ସଂଶୋଧନ ଏବଂ ଟିକସ, ସୁଧ ଆଦିର ପଇଠ ପାଇଁ ପଦ୍ଧତି ଓ ସମୟ ଅବଧି ନିମନ୍ତେ ମଧ୍ୟ ଏହି ଆଇନରେ ବ୍ୟବସ୍ଥା ଅଛି ।

## ରିଟର୍ନ ଦାଖଲ ପଦ୍ଧତିର ଚଳନ୍ତି ପ୍ରଣାଳୀ

ସମସ୍ତ ଯୋଗ୍ୟ ପଞ୍ଜୀକୃତ ବ୍ୟକ୍ତିମାନେ ଗୋଟିଏ ଟିକସ ଅବଧିରେ ବସ୍ତୁ କିମ୍ବା ସେବା କିମ୍ବା ଉଭୟର ବହିର୍ଗାମୀ ଯୋଗାଣର ବିବରଣୀ ପରବର୍ତ୍ତୀ ମାସର ୧୦ ତାରିଖ କିମ୍ବା ତା ପୂର୍ବରୁ *ଜିଏସଟିଆର-୧* ଫାରମରେ ବୈଦୁତିକ ଉପାୟରେ ଦାଖଲ କରିବା ଜରୁରୀ ଅଟେ । ସେହିପରି, ସମସ୍ତ ଯୋଗ୍ୟ ପଞ୍ଜୀକୃତ ବ୍ୟକ୍ତିମାନେ କୌଣସି ମାସର ଦେୟ, ନିବେଶ ଟିକସ ଜମାରାଶି ଓ ଟିକସ ପଇଠର ସଂକ୍ଷିପ୍ତ ରିଟର୍ନ ପରବର୍ତ୍ତୀ ମାସର ୨୦ ତାରିଖ କିମ୍ବା ତା ପୂର୍ବରୁ *ଜିଏସଟିଆର -୩ଖ* ଫାରମରେ ବୈଦୁତିକ ଉପାୟରେ ଦାଖଲ କରିବା ଆବଶ୍ୟକ ।

**ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ସ୍ୱତନ୍ତ୍ର ରିଟର୍ନ ଦାଖଲ ବ୍ୟବସ୍ଥା**

ଏକ ବାଣିଜିକ ସୁଗମକରଣ ପଦକ୍ଷେପ ହିସାବରେ ସରକାର ଘୋଷଣା କରିଛନ୍ତି ଯେ ବାର୍ଷିକ ଦେଢ କୋଟି ଟଙ୍କା ପର୍ଯ୍ୟନ୍ତ ବିକ୍ରି ଥିବା ଯୋଗ୍ୟ ପଞ୍ଜୀକୃତ ବ୍ୟକ୍ତିମାନେ ତ୍ରୈମାସିକ ରିଟର୍ନ *ଜିଏସଟିଆର -୧* ଫାରମରେ (ତ୍ରୈମାସ ମଧ୍ୟରେ କରାଯାଇଥିବା ବସ୍ତୁ କିମ୍ବା ସେବା କିମ୍ବା ଉଭୟର ବହିର୍ଗାମୀର ବିବରଣୀ) ତ୍ରୈମାସ ସରିବାର ୧୮ ଦିନ ମଧ୍ୟରେ ଦାଖଲ କରିବାର ବିକଳ୍ପ ବାଛି ପାରିବେ ।

**ସରଳୀକରଣ ଜିଏସଟି ରିଟର୍ନ ଦାଖଲ ପ୍ରଣାଳୀର ପ୍ରସ୍ତାବିତ ବ୍ୟବସ୍ଥା**

ସରଳୀକରଣ ରିଟର୍ନ ଦାଖଲ ପ୍ରଣାଳୀର ପ୍ରସ୍ତାବିତ ବ୍ୟବସ୍ଥା ଅନୁସାରେ ବଡ ପରିବର୍ତ୍ତନ ହେଉଛି ଯେ ଛୋଟ ଟିକସଦାତାମାନଙ୍କ ଦ୍ୱାରା ମାସିକିଆ ଟିକସ ପଇଠ କରି ଗୋଟେ ସରଳ ରିଟର୍ନ ଫର୍ମାଟରେ ତ୍ରୈମାସିକ ରିଟର୍ନ

ଦାଖଲ କରିବାର ବିକଳ୍ପ ବାଛିବା । ପ୍ରସ୍ତାବିତ ଜିଏସଟି ରିଟର୍ନ ଦାଖଲର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ନିମ୍ନରେ ଦିଆଗଲା ।

(୧) ଛୋଟ ଟିକସଦାତା, ମିଶ୍ର ବ୍ୟବସାୟୀ, ନିବେଶ ସେବା ବିତରଣକାରୀ, ପ୍ରବାସୀ ପଞ୍ଜୀକୃତ ବ୍ୟକ୍ତି, କେନ୍ଦ୍ରୀୟ ଜିଏସଟି ଆଇନ, ୨୦୧୭ର ୫୧ ଧାରା ଅନ୍ତର୍ଗତ ଯେଉଁ ବ୍ୟକ୍ତିମାନେ ଉତ୍ସରୁ ଟିକସ କାଟିବା ପାଇଁ ଦାୟୀ, କେନ୍ଦ୍ରୀୟ ଜିଏସଟି ଆଇନ, ୨୦୧୭ର ୫୨ ଧାରା ଅନ୍ତର୍ଗତ ଯେଉଁ ବ୍ୟକ୍ତିମାନେ ଉତ୍ସରୁ ଟିକସ ସଂଗ୍ରହ କରିବା ପାଇଁ ଦାୟୀ ଆଦି କେତେକ ବ୍ୟତିକ୍ରମକୁ ବାଦ ଦେଇ ସମସ୍ତ ଟିକସଦାତା ଗୋଟେ ଗୋଟେ ମାସିକିଆ ରିଟର୍ନ ଦାଖଲ କରିବେ । ଟିକସଦାତାମାନଙ୍କ ବିକ୍ରିକୁ ଭିତ୍ତି କରି ରିଟର୍ନ ଦାଖଲ ତାରିଖ ଅଲଗା ଅଲଗା ହେବ । ଜଣେ ବଡ ଟିକସଦାତାଙ୍କ ଦ୍ୱାରା ରିଟର୍ନ ଦାଖଲର ଶେଷ ତିଥି ପରବର୍ତ୍ତୀ ମାସର ୨୦ ତାରିଖ ହେବ । ଜିଏସଟି ଆରଇଟି-୧ ଫାରମରେ ରିଟର୍ନ ଦାଖଲ ହେବ (ସଂଲଗ୍ନିକା ୧ ଓ ସଂଲଗ୍ନିକା ୨ ସହ) ।

## (୨) (କ) **ଶୂନ୍ୟ ରିଟର୍ନ**

ଗୋଟିଏ ଆର୍ଥିକ ବର୍ଷର କୌଣସି ତ୍ରୈମାସିକରେ କୌଣସି କିଣା ନ ଥିବା, କୌଣସି ଉତ୍ପାଦନ ଟିକସ ଦେୟ ନ ଥିବା, ନିବେଶ ଟିକସ ଜମାରାଶି ପାଇବାର ନ ଥିବା ଟିକସଦାତାମାନେ ସମୁଦାୟ ତ୍ରୈମାସିକ ପାଇଁ ଶୂନ୍ୟ ରଟର୍ନ ଦାଖଲ କରିବେ । ଏସଏମଏସ ମାଧ୍ୟମରେ ମଧ୍ୟ ରିଟର୍ନ ଦାଖଲ କରିବାର ସୁବିଧା ଉପଲବ୍ଧ ଅଛି ।

## (ଖ) **ଛୋଟ ଟିକସଦାତା**

ପାଞ୍ଚ କୋଟି ଟଙ୍କା ପର୍ଯ୍ୟନ୍ତ ବିକ୍ରି ଥିବା ଟିକସଦାତାମାନେ ଛୋଟ ବୋଲି ବିବେଚନା କରାଯିବେ । ନିଜସ୍ୱ ଘୋଷଣା ଭିତ୍ତିରେ ଏହି ଛୋଟ ଟିକସଦାତାମାନେ ମାସିକିଆ ଟିକସ ପଇଠ ସହ ତ୍ରୈମାସିକ ରିଟର୍ନ ଦାଖଲ କରିବାର ସୁବିଧା ପାଇବେ । ପରନ୍ତୁ, ଏହି ସୁବିଧା ଇଚ୍ଛାଧୀନ ଏବଂ ଛୋଟ ଟିକସଦାତା ମଧ୍ୟ ବଡ ଟିକସଦାତା ଭଳି ମାସିକିଆ ରିଟର୍ନ ଦାଖଲ କରିପାରିବେ ।

ଦୁଇ ପ୍ରକାରର ପଞ୍ଜୀକୃତ ବ୍ୟକ୍ତିମାନଙ୍କ ପାଇଁ – କେବଳ ବି-ଟୁ-ସି ଯୋଗାଣ କିମ୍ବା ବି-ଟୁ-ବି + ବି-ଟୁ-ସି ଯୋଗାଣ କରୁଥିବା ଛୋଟ ବ୍ୟବସାୟୀ - ମାସିକିଆ ପଇଠ ସୁବିଧା ସହ ତ୍ରୈମାସିକ ରିଟର୍ନ ମୁଖ୍ୟ ରେଟର୍ନ ଭଳିଆ ସମାନ ହେବ । ଏହିପରିକା ଟିକସଦାତାମାନଙ୍କ ପାଇଁ ସହଜ ଏବଂ ସୁଗମ ନାମରେ ସରଳ ରିଟର୍ନ ପ୍ରସ୍ତୁତ ହୋଇଛି । ନିୟମିତ ରିଟର୍ନ ତୁଳନାରେ ଏହି ରଟର୍ନରେ ଭରାଯିବାକୁ ଥିବା ସୂଚନାର ବିବରଣ କମ ଅଟେ ।

ନୂଆ ରିଟର୍ନ ଢାଞ୍ଚା ରିଟର୍ନରେ ଦର୍ଶାଯାଇଥିବା ବିଲ ଏବଂ ଅନ୍ୟ ବିବରଣୀର ସଂଶୋଧନ ପାଇଁ ସୁଯୋଗ ପ୍ରଦାନ କରିଥାଏ । ସଂଶୋଧନ ରିଟର୍ନ ନାମରେ ଗୋଟିଏ ଟିଟର୍ନ ଦାଖଲ କରି ସଂଶୋଧନ କରାଯାଇଥାଏ । ସଂଶୋଧନ ରିଟର୍ନ ମାଧ୍ୟମରେ ପଇଠ କରିବା ପାଇଁ ଅନୁମତି ଦିଆଯିବ, କାରଣ ଏହା ଟିକସଦାତାମାନଙ୍କ ପାଇଁ ଦେୟ ସୁଧ ସଞ୍ଚୟ କରିବାରେ ସହାୟକ ହୋଇଥାଏ ।

# ଅଧ୍ୟାୟ ୪

## ବସ୍ତୁ ଓ ସେବା ଟିକସ ଅଧୀନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ର ପାଇଁ ନିଆଯାଇଥିବା ପଦକ୍ଷେପ

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ହିତ ସାଧନ ନିମନ୍ତେ ବସ୍ତୁ ଓ ସେବା ଟିକସ ପରାମର୍ଶଦାତା ପରିଷଦ ଦ୍ୱାରା ତାଙ୍କର ଭିନ୍ନ ଭିନ୍ନ ବୈଠକରେ ବିଭିନ୍ନ ନିର୍ଣ୍ଣୟ ନିଆଯାଇଛି । ସେହି ମୁଖ୍ୟ ନିଷ୍ପତ୍ତିଗୁଡିକର ବିବରଣୀ ନିମ୍ନରେ ଦିଆଗଲା ।

(୧) ଅସଂଗଠିତ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ପ୍ରମୁଖଭାବରେ ଉତ୍ପାଦିତ ଏବଂ/କିମ୍ବା ବ୍ୟବହୃତ ହେଉଥିବା ବସ୍ତୁଗୁଡିକୁ କମ ହାରରେ ରଖାଯାଇଛି କିମ୍ବା ବାଦ ବା କରମୁକ୍ତ କରାଯାଇଅଛି । ଉଦାହରଣ ସ୍ୱରୂପ, ଇଲେକ୍ଟ୍ରିକ ସୁଇଚି ଏବଂ ତାର, ପାଇପଲାଇନ, ପ୍ଲାଷ୍ଟିକ ଉତ୍ପାଦ ଇତ୍ୟାଦି ମୁଖ୍ୟତଃ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗମାନଙ୍କ ଦ୍ୱାରା ଉତ୍ପାଦନ କରାଯାଇଥାଏ ଏବଂ ସେମାନେ ପୂର୍ବରୁ କେନ୍ଦ୍ରୀୟ ଅବକାରୀ ଶୁଳ୍କ ଦେଉ ନ ଥିଲେ ଏବଂ ସେଥିପାଇଁ ଏଗୁଡିକ ଉପରେ ଟିକସ ହାର ୨୮ % ରୁ ୧୮ % କୁ ହ୍ରାସ କରାଯାଇଛି । ସେହିପରି, ହାତ ବ୍ୟାଗ, ଦଉଡି ଇତ୍ୟାଦି ଝୋଟ ଏବଂ କତା ଉତ୍ପାଦ, ଯାହା ମୁଖ୍ୟତଃ କୁଟୀରଶିଳ୍ପ କ୍ଷେତ୍ର ଦ୍ୱାରା ପ୍ରସ୍ତୁତ ହୁଏ, ତା ଉପରେ ଜିଏସଟି ହାର ୧୨ % ରୁ ୫ %କୁ ହ୍ରାସ କରାଯାଇଛି । ମାଛଧରାଳୀମାନଙ୍କ ଦ୍ୱାରା ବହୁଳ ଭାବରେ ବ୍ୟବହୃତ ହେଉଥିବା ବନିଶି କଣ୍ଟା – ଗୌଣ ନିବେଶ ଟିକସ ଜମାରାଶି ସହ ସାଧାରଣତଃ ଶ୍ରମ କେନ୍ଦ୍ରିକ ଉଦ୍ୟୋଗ- ଉପରେ ଜିଏସଟି ହାର ୧୨ % ରୁ ୫ % କୁ ହ୍ରାସ କରାଯାଇଛି ।

(୨) ମିଶ୍ର ଯୋଜନାକୁ ବିକଳ୍ପ ରୂପେ ଚୟନ କରିବା ପାଇଁ ବିକ୍ରିର ଉପର ସୀମା ଏକ କୋଟି ଟଙ୍କାରୁ ଦେଢ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି ।

(୩) ମିଶ୍ର ବ୍ୟବସାୟୀଙ୍କୁ ସେବା ଯୋଗାଣ ପାଇଁ ଅନୁମତି ପ୍ରଦାନ କରିବା ।

ବାର୍ଷିକ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିକ୍ରି ଥିବା ସେବା ଯୋଗାଣକାରୀ ମିଶ୍ର ଯୋଜନା ପାଇଁ ଚୟନ କରିପାରିବେ ଏବଂ ଏଭଳି ଯୋଗାଣ ପାଇଁ ଜିଏସଟି ହାର ୬ % ହେବ ।

(୪) ବସ୍ତୁ ଓ ସେବା ଟିକସ ପରାମର୍ଶଦାତା ପରିଷଦର ସୁପାରିସ ଅନୁସାରେ, କେତେକ ବିଜ୍ଞାପିତ ଶ୍ରେଣୀର ପଞ୍ଜୀକୃତ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଅପଞ୍ଜୀକୃତ ଯୋଗାଣକାରୀମାନଙ୍କ ଠାରୁ ଯୋଗାଣ ପ୍ରାପ୍ତି କଲେ ପାଲଟା ଚାର୍ଜ ପଦ୍ଧତି ଭିତ୍ତିରେ ଜିଏସଟି ଲାଗୁ ହେବ ।

(୫) ଯଦି ଗ୍ରହିତା ବିଲ ଜାରି ହେବାର ୧୮୦ ଦିନ ଭିତରେ ଯୋଗାଣକାରୀଙ୍କୁ ପ୍ରାପ୍ୟ ରାଶି ଦେବାରେ ବିଫଳ ହୁଅନ୍ତି, ତେବେ ଗ୍ରହିତା ପାଇଥିବା ନିବେଶ ଟିକସ ଜମାରାଶି ଫେରସ୍ତ ଦେବେ ।

(୬) ଏକ ପଦକ୍ଷେପ ପ୍ରଣାଳୀ ସହ ଶୂନ୍ୟ ରିଟର୍ନ ଦାଖଲ କରିବା ସରଳିକରଣ କରା ଯାଇଅଛି ।

(୭) ଇ-ବାଣିଜ୍ୟ ସଞ୍ଚାଳକ ମାଧ୍ୟମରେ କରୁଥିବା ଯୋଗାଣକୁ ମିଶାଇ ଆନ୍ତଃ ରାଜ୍ୟ ଯୋଗାଣ କରୁଥିବା ଯୋଗାଣକାରୀମାନଙ୍କୁ, ଯାହାଙ୍କର ମୋଟ ବାର୍ଷିକ ବିକ୍ରି ୨୦ ଲକ୍ଷ ଟଙ୍କାରୁ ଅଧିକ ନୁହେଁ, ଜିଏସଟି ଅଧୀନରେ ପଞ୍ଜୀକରଣ କରିବାର ଆବଶ୍ୟକତାରୁ ଛାଡ କରାଯାଇଅଛି ।

(୮) ବିଦେଶ ତଥା ଦେଶ ଭିତରୁ ନିବେଶ ଆଦି ଆଣିବା ପାଇଁ ଅଗ୍ରୀମ କ୍ଷମତାପତ୍ର/ରପ୍ତାନୀ ବିକାଶ ପୁଞ୍ଜି ବସ୍ତୁ/୧୦୦ % ରପ୍ତାନିମୁଖୀ ସଂସ୍ଥା ଯୋଜନା ଆରମ୍ଭ କରା ହୋଇଛି । ଅଗ୍ରୀମ କ୍ଷମତାପତ୍ରଧାରୀ/ରପ୍ତାନୀ ବିକାଶ ପୁଞ୍ଜି ବସ୍ତୁଧାରୀ /୧୦୦ % ରପ୍ତାନିମୁଖୀ ସଂସ୍ଥା ଆମଦାନୀ ଉପରେ ସମନ୍ୱିତ ଜିଏସଟି, ସେସ ଆଦି ଦେବାର ଆବଶ୍ୟକତା ନ ଥାଏ । ପୁନଶ୍ଚ, କ୍ଷମତାପତ୍ରଧାରୀ/ରପ୍ତାନୀ ବିକାଶ ପୁଞ୍ଜି ବସ୍ତୁଧାରୀ /୧୦୦ % ରପ୍ତାନିମୁଖୀ ସଂସ୍ଥାକୁ ଘରୋଇ ଯୋଗାଣ କେନ୍ଦ୍ରୀୟ ଜିଏସଟି/ରାଜ୍ୟ ଜିଏସଟିର ୧୪୭ ଧାରା ଅନୁସାରେ ଡିମ୍ଡ଼ ରପ୍ତାନି ବୋଲି ବିବେଚନା କରାଯାଏ ଏବଂ ତା ୧୮-୧୦-୨୦୧୭ ରିଖର ବିଜ୍ଞପ୍ତି ସଂଖ୍ୟା ୪୮/୨୦୧୮-କେନ୍ଦ୍ରୀୟ ଟିକସ ଅନୁସାରେ ଏଭଳି ଯୋଗାଣ ଉପରେ ଦିଆଯାଇଥିବା ଟିକସ ଯୋଗାଣକାରୀ କିମ୍ବା ଗ୍ରହିତା, ଯାହାକୁ ଜଣକୁ, ଫେରସ୍ତ ଦିଆଯାଏ ।

(୯) ଜଣେ ପଞ୍ଜୀକୃତ ଯୋଗାଣକାରୀଙ୍କ ଦ୍ୱାରା ଜଣେ ବଣିକ ରପ୍ତାନିକାରୀଙ୍କୁ ରପ୍ତାନି ପାଇଁ ଟିକସଯୋଗ୍ୟ ବସ୍ତୁର ଯୋଗାଣ ମୋଟ ୦.୧ % ହାରରେ ଜିଏସଟି ଆକୃଷ୍ଟ କରିବ ଯାହା ଦ୍ୱାରା ରପ୍ତାନିକାରୀମାନଙ୍କର ଚଳନ୍ତି ପୁଞ୍ଜି ଅବରୁଦ୍ଧ କମ ହୋଇଥାଏ । ତା ୨୩-୧୦-୨୦୧୭ ରିଖର ବିଜ୍ଞପ୍ତି ସଂଖ୍ୟା ୪୦/୨୦୧୭-କେନ୍ଦ୍ରୀୟ ଟିକସ (ହାର) ମାଧ୍ୟମରେ ଏହି ବ୍ୟବସ୍ଥା ଲାଗୁ କରାଯାଇଛି ।

(୧୦) ବସ୍ତୁ ଯୋଗାଣ କରୁଥିବା ପଞ୍ଜୀକୃତ ବ୍ୟକ୍ତି ବିଲ ଜାରି ହେବ ସମୟରେ ଟିକସ ପଇଠ କରିବା ଆବଶ୍ୟକ ଏବଂ ଯେତେବେଳ ଅଗ୍ରୀମ ପ୍ରାପ୍ତ କରନ୍ତି, ସେତେବେଳେ ନୁହେଁ । ତା ୧୫-୧୧-୨୦୧୭ ରିଖର ବିଜ୍ଞପ୍ତି ସଂଖ୍ୟା ୬୬/୨୦୧୭-କେନ୍ଦ୍ରୀୟ ଟିକସ ଜାରି ହେବା ସହିତ ଏହା ଲାଗୁ ହୋଇ ଯାଇଛି ।

## ଜିଏସଟି ଅନ୍ତର୍ଗତ ମୋଟ ଟିକସ ପଇଠ

| ଟିକସ | ୨୦୧୭ ଜୁଲାଇ ରୁ ୨୦୧୯ ମେ ପର୍ଯ୍ୟନ୍ତ |
|---|---|
| ସମନ୍ୱିତ ଜିଏସଟି (ଭାରତକୁ ଆମଦାନୀ ହୋଇଥିବା ବସ୍ତୁ ଉପରେ ଲାଗିଥିବା ସମନ୍ୱିତ ଜିଏସଟିକୁ ବାଦ ଦେଇ) | ୫.୫୭ ଲକ୍ଷ କୋଟି ଟଙ୍କା |
| କେନ୍ଦ୍ରୀୟ ଜିଏସଟି | ୩.୬୦ ଲକ୍ଷ କୋଟି ଟଙ୍କା |
| ରାଜ୍ୟ ଜିଏସଟି | ୫.୦୩ ଲକ୍ଷ କୋଟି ଟଙ୍କା |
| କ୍ଷତିପୂରଣ ସେସ | ୧.୫୮ ଲକ୍ଷ କୋଟି ଟଙ୍କା |

(୧୧) ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ତା ୧୦-୧୧-୨୦୧୭ ରିଖରେ ଅନୁଷ୍ଠିତ ତାଙ୍କର ୨୩ତମ ବୈଠକରେ ଜିଏସଟିଆର-୩ଖ ଫାରମରେ ବିଳମ୍ବରେ ରିଟର୍ନ ଦାଖଲ ଯୋଗୁ ପ୍ରତିଦିନ ଲାଗୁଥିବା ବିଳମ୍ବ ଶୁଳ୍କ 200 ଟଙ୍କାରୁ କମ କରେଇଲେ (ତା ୧୫-୧୧-୨୦୧୭ ରିଖର ବିଜ୍ଞପ୍ତି ସଂଖ୍ୟା ୬୪/୨୦୧୭-କେନ୍ଦ୍ରୀୟ ଟିକସ)। ୨୦୧୭ ଅକ୍ଟୋବର ଠାରୁ ଜଣେ ଟିକସଦାତା ଯାହାଙ୍କର କୌଣସି ମାସରେ ଟିକସ ଦେୟ ଶୂନ୍ୟ ଥାଏ, ତେବେ ସେ ପ୍ରତିଦିନ ୨୦ ଟଙ୍କା ହିସାବରେ (କେନ୍ଦ୍ରୀୟ ଜିଏସଟି ଏବଂ ରାଜ୍ୟ ଜିଏସଟି ଆଇନ ନିମନ୍ତେ ପ୍ରତିଦିନ ୧୦ ଟଙ୍କା ପ୍ରତ୍ୟେକ ପାଇଁ), ପ୍ରତ୍ୟେକ ଆଇନ ପାଇଁ ଅତି ବେଶୀରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ, ବିଳମ୍ବିତ ଶୁଳ୍କ ଦେବା ପାଇଁ ଆଇନତଃ ଦାୟୀ ରହିବେ । ଅନ୍ୟ ସମସ୍ତ କ୍ଷେତ୍ରରେ, ଅନ୍ୟ ଟିକସଦାତାଙ୍କ ଦ୍ୱାରା ଜିଏସଟିଆର-୩ଖ ଫାରମରେ ଡେରିରେ ରିଟର୍ନ ଦାଖଲ ଯୋଗୁ ଲାଗୁଥିବା ବିଳମ୍ବ ଶୁଳ୍କ ରାଶି ଦେୟ ପ୍ରତିଦିନ ୫୦ ଟଙ୍କା (କେନ୍ଦ୍ରୀୟ ଜିଏସଟି ଏବଂ ରାଜ୍ୟ ଜିଏସଟି ଆଇନ ନିମନ୍ତେ ପ୍ରତିଦିନ ୨୫ ଟଙ୍କା ପ୍ରତ୍ୟେକ ପାଇଁ), ପ୍ରତ୍ୟେକ ଆଇନ ପାଇଁ ଅତି ବେଶୀରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ, ୨୦୧୭ ଅକ୍ଟୋବର ଠାରୁ କମାଇ ଦିଆ ଯାଇଛି ।

(୧୨) ୨୦୧୮ ଜାନୁୟାରୀ ୧ ତାରିଖଠାରୁ ମିଶ୍ର ଯୋଜନା ଅନ୍ତର୍ଗତ ଉତ୍ପାଦନକାରୀ ଓ ବ୍ୟବସାୟୀମାନଙ୍କ ପାଇଁ ଏକକ ଟିକସ ହାର ହିସାବରେ ୧ % (କେନ୍ଦ୍ରୀୟ ଜିଏସଟି ଅନ୍ତର୍ଗତ ୦.୫ % ଏବଂ ରାଜ୍ୟ ଜିଏସଟି ଅନ୍ତର୍ଗତ ୦.୫ %) ଦେୟ ହେବ । ତା ୧-୧-୨୦୧୮ ରିଖ ର ବିଜ୍ଞପ୍ତି ସଂଖ୍ୟା ୧/୨୦୧୮ –କେନ୍ଦ୍ରୀୟ ଟିକସ ଜାରି ହେବା ଦ୍ୱାରା ଏହା ଲାଗୁ ହୋଇ ସାରିଛି ।

(୧୩) ମିଶ୍ର ଯୋଜନା ପାଇଁ ଯୋଗ୍ୟ ଜଣେ ବ୍ୟକ୍ତି ଯିଏ କି ସୁଧ ବା ମୂଲ୍ୟରେ ରିହାତି ବଦଳରେ ଜମା, ଋଣ କିମ୍ବା ଅଗ୍ରୀମ ଦେବା ସେବାକୁ ମିଶାଇ ଛାଡ ସେବା ଯୋଗାଣ କରୁଥିବେ, ସେ ମିଶ୍ର ଯୋଜନା ପାଇଁ ଯୋଗ୍ୟ

ହେବେ ନାହିଁ । ପୁନଃ, ଏହି ଯୋଜନା ପାଇଁ ଯୋଗ୍ୟତା ନିମନ୍ତେ ମୋଟ ବିକ୍ରି ହିସାବ କରିବା ସମୟରେ, ସୁଧ ବା ମୂଲ୍ୟରେ ରିହାତି ବଦଳରେ ଜମା, ଋଣ କିମ୍ବା ଅଗ୍ରୀମ ଦେବା ସେବାକୁ ମିଶାଇ ଟିକସଦାତା ଯୋଗାଉଥିବା ଛାଡ ସେବା ଯୋଗାଣର ବିକ୍ରି ଅନ୍ତର୍ଭୁକ୍ତ ହେବ ନାହିଁ । ତା ୧୩-୧୦-୨୦୧୭ ରିଖ ର ଆଦେଶ ସଂଖ୍ୟା ୦୧/୨୦୧୭ –କେନ୍ଦ୍ରୀୟ ଟିକସ ଜାରି ହେବା ଦ୍ୱାରା ଏହା ଲାଗୁ ହୋଇ ସାରିଛି ।

(୧୪) ତା ୧୮-୧-୨୦୧୮ ରିଖରେ ଅନୁଷ୍ଠିତ ତାଙ୍କର ୨୫ତମ ବୈଠକରେ ବସ୍ତୁ ଓ ସେବା ଟିକସ ଉପଦେଷ୍ଟା ପରିଷଦ ସ୍ୱେଚ୍ଛାକୃତ ପଞ୍ଜୀକରଣ କରେଇଥିବା ଟିକସଯୋଗ୍ୟ ବ୍ୟକ୍ତିମାନଙ୍କୁ ପଞ୍ଜିକରଣ ଲାଗୁ ହେବା ତାରିଖଠାରୁ ଏକ ବର୍ଷ ମଧ୍ୟରେ ପଞ୍ଜୀକରଣ ରଦ୍ଦ ପାଇଁ ଆବେଦନ କରିବା ପାଇଁ ଅନୁମତି ଦେଲେ ।

## ଉପସଂହାର

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରର ଭାରତ ସରକାରଙ୍କ ପାଇଁ ସ୍ୱତନ୍ତ୍ର ପ୍ରାଧାନ୍ୟ ରହିଛି କି ଏହା ୨୦୨୦ ମସିହା ସୁଦ୍ଧା ଅଧିକ ରୋଜଗାର ଅବସର ଯୋଗେଇଦେବ ବୋଲି ଆଶା । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରକୁ ଦିଆଯାଇଥିବା ପ୍ରତିଶ୍ରୁତି ଅନୁସାରେ ସେମାନଙ୍କ ପାଇଁ ରିହାତିସବୁ ଲାଗୁ କରାଯାଇଛି ବା କରାଯାଉଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଗୋଟେ ବିଶାଳ ଅନୁପାଳନ ପରିବେଶ ସହିତ ଅଭ୍ୟସ୍ତ ହୋଇଯାଇଥିବା ହେତୁ, ବ୍ୟବସାୟ ପରିଚାଳନାରେ ଗୋଟିଏ ଉଚ୍ଚ ସ୍ତରର ପ୍ରସ୍ତୁତି ଓ ଅନୁଶାସନ ଧୀରେ ଧୀରେ କାର୍ଯ୍ୟଧାରାର ଏକ ଅଂଶବିଶେଷ ହେବ । ଜିଏସଟିକୁ ମିଶେଇ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡିକୁ ସମସ୍ତ ଦିଗରୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ସରକାରଙ୍କ ସହ ଆଶା କରାଯାଉଛି ଯେ ବର୍ତ୍ତମାନର ଆହ୍ୱାନସବୁ ସ୍ଥିର ହୋଇଯିବ ଏବଂ ରାଷ୍ଟ୍ରର ଲକ୍ଷ୍ୟ ପୂରଣ କରିବା ନିମନ୍ତେ ଶିଳ୍ପ ଧୀରେ ଧୀରେ ସକାରାତ୍ମକ ପାର୍ଶ୍ୱପରିବର୍ତ୍ତନ କରିବ ।